## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ, ୫ ଟ୍ରାକ୍ଟର ଜବତ

**ଜେନାପୁର/ଧର୍ମଶାଳା/ କାଳିଆପାଣି, ୨୯।୧୦ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ପୋଲିସ ଗୁରୁବାର ବେଆଇନ ବାଲି ଚାଲାଣ କରୁଥିବା ବେଳେ ୩ଟି ଟ୍ରାକ୍ଟରକୁ ଜବତ କରିଛି। ଏହାସହ ଉକ୍ତ ଟ୍ରାକ୍ଟରଗୁଡ଼ିକର ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସନ୍ଧ୍ୟାରେ ଜେନାପୁର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବୃନ୍ଦାଦେଇପୁର ଛକ ନିକଟରୁ ୩ଟି ଟ୍ରାକ୍ଟରକୁ ଜବତ କରିଥିଲା। ଏ ନେଇ ମାମଲା (ନଂ.୩୫୧/୨୦) ରୁଜୁ ହୋଇଛି। ଜେନାପୁର ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଟ୍ରାକ୍ଟର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେହିପରି ବେଆଇନ ବାଲି ପରିବହନ କରୁଥିବା ୨ ଟ୍ରାକ୍ଟରକୁ କାଳିଆପାଣି ପୋଲିସ ଗୁରୁବାର ଜବତ କରିବା ସହ ୨ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଙ୍କଡ଼ାହାଡ଼ ବ୍ଲକ ପିତାଲୁଧୁଆ ଗ୍ରାମର ବିଜୁ ମହାକୁଡ଼ ଓ ବାବୁଲ ମହାକୁଡ଼। ଏ ନେଇ ମାମଲା (ନଂ. ୧୦୩/୨୦) ରୁଜୁ ହୋଇଥିବା ଥାନାଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି।

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ

**ନୟାଗଡ଼ ଅଫିସ,୨୯।୧୦:** ନୟାଗଡର ପୂର୍ବତନ ବିଧାୟକ, ସାହିତ୍ୟିକ, ଶିକ୍ଷାବିତ୍, ନାଟ୍ୟକାର,ସାମାଜିକ କର୍ମୀ ସ୍ୱର୍ଗତ ବଂଶୀଧର ସାହୁଙ୍କର ୨ୟ ଶ୍ରାଦ୍ଧବାର୍ଷିକୀ ଗୁରୁବାର ଇଟାମାଟି ବଂଶୀଧର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ରଙ୍ଗନାଥ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ବିଶ୍ୱନାଥ ମହାପାତ୍ର ମୁଖ୍ୟଅତିଥି, ପବିତ୍ର ସୁବୁଦ୍ଧି ମୁଖ୍ୟବକ୍ତା ଓ ପ୍ରଦ୍ୟୁମ୍ନ ସାହୁ, ସନ୍ତୋଷ ପ୍ରଧାନ, ହୁସେନ ଖାନ, ପ୍ରଫେସର ନୀଳମାଧବ ବେହେରା, ମହାବିଦ୍ୟାଳୟ ଅଧକ୍ଷ ହର ପ୍ରସାଦ ରଣସିଂ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ପବିତ୍ର ସୁବୁଦ୍ଧିଙ୍କୁ ବଂଶୀଧର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

### ଜଙ୍ଗଲ ମା'ଙ୍କ ଭରସାରେ ଗ୍ରାମବାସୀ

ମହାକାଳପଡା,୨୯।୧୦(ଡି.ଏନ୍.ଏ.) କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ଜମ୍ବୁ ପଞ୍ଚାୟତର ବଙ୍ଗୋପସାଗର ପାଦ ଦେଶରେ ରହିଛି ଜଙ୍ଗଲ ପରିବେଶିତ କଣ୍ଡରାପାଟିଆ ଗାଁ। ଏହି ଗାଁର ୮୦ ପରିବାରରେ ୪୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ୧୯୯୯ ମହାବାତ୍ୟା ପରଠାରୁ ପ୍ରତିବର୍ଷ ଅକ୍ଟୋବର ୨୯ରେ ଗ୍ରାମବାସୀ ଜଙ୍ଗଲ ମା'ଙ୍କୁ ପୂଜା କରି ଆସୁଛନ୍ତି। ଏନେଇ ଗ୍ରାମବାସୀ ଗୁରୁବାର ତାଙ୍କୁ ପୂଜା କରିବା ପରେ ପ୍ରସାଦ ସେବନ କରିଛନ୍ତି। ପୂର୍ବରୁ ଏହି ଗାଁ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ମାତ୍ର କୌଣସି ଜନଜୀବନ ହାନି ହୋଇନାହିଁ। ଗାଁ ଚତୁଃପାର୍ଶ୍ୱରେ ଥିବା ଲୁଣା ଜଙ୍ଗଲ ସେମାନଙ୍କୁ ରକ୍ଷାକରୁଛି ବୋଲି ଗ୍ରାମବାସୀ କୁହନ୍ତି। ଏହି ଗ୍ରାମର ହୃଷୀକେଶ ଗିରି, ଗଦାଧର ଗିରି ଓ ମଧୁସୁଦନ ମଣ୍ଡଳ ପ୍ରମୁଖଙ୍କ କହିବାନୁଯାୟୀ, ୧୯୯୯ ମହାବାତ୍ୟା ସମୟରେ ଗାଁରେ କୌଣସି ପକ୍କା ଘର ନ ଥିଲା। ଏପରିକି ମହାବାତ୍ୟା ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ପୂର୍ବ ସୂଚନା ମିଳି ନ ଥିଲା। ଏହି ସମୟରେ ଆମେ ଜଙ୍ଗଲ ମା'ଙ୍କୁ ଭରସା କରି କୌଣସି ବ୍ୟକ୍ତି ଗାଁ ଛାଡି ଯାଇ ନ ଥିଲୁ। ମା'ଙ୍କ ଦୟାରୁ ଆମେ ସମସ୍ତେ ମହାବାତ୍ୟା ପ୍ରକୋପରୁ ବଞ୍ଚିଯାଇଥିଲୁ। ସେହିଦିନଠାରୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଆମେ ଜଙ୍ଗଲ ମା'ଙ୍କୁ ପୂଜା କରୁଛୁ।

### ୮୦ କରୋନା ପଜିଟିଭ୍ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ, ୨୯।୧୦: ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସୁନି। ଗୁରୁବାର ପୁଣି ଜିଲାରେ ୮୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇଲେ ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୭,୩୮୪ରେ ପହଞ୍ଚିଛି। ଏହା ମଧ୍ୟରେ ୬,୬୩୬ ଜଣ ସଂକ୍ରମିତ ସୁସ୍ଥ ହେଲେଣି। ମୃତ୍ୟୁ ସଂଖ୍ୟା ୨୨ ଥିବା ବେଳେ ୭୨୬ ଜଣ ସଂକ୍ରମିତ ରହିଥିବା ଜଣାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ବାଲିକୁଦା ବ୍ଲକ ଅଞ୍ଚଳର ସର୍ବାଧିକ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରୁ ୧୫, ତିର୍ତ୍ତୋଲ ୧୪, ରଘୁନାଥପୁର ୧୪, ବିରିଡ଼ି ୮, ପାରାଦୀପ ପୌର ପରିଷଦ ୪, ନାଉଗାଁ ୪, ଏରସମା ୨, କୁଜଙ୍ଗ ୧ ଓ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଛନ୍ତି।

# ଫିକା ପଡ଼ିବ ଗଣପର୍ବ ଗଜଲକ୍ଷ୍ମୀ ପୂଜା

- ଜିଲାରେ ୨୧୧ ମଣ୍ଡପକୁ ମିଳିଛି ଅନୁମତି
- କମିଲା ମୂର୍ତ୍ତି ଉଚ୍ଚତା, ନାହିଁ ତୋରଣ
- ଚିନ୍ତାରେ ବ୍ୟବସାୟୀ, ଶ୍ରଦ୍ଧାଳୁଙ୍କ ଅସନ୍ତୋଷ ବଢ଼ୁଛି

**କେନ୍ଦ୍ରାପଡ଼ା ଅଫିସ, ୨୯।୧୦**

କରୋନା ସଂକ୍ରମଣ ଭୟ ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ମା' ଗଜଲକ୍ଷ୍ମୀଙ୍କ ପୂଜାକୁ ଫିକା ପକାଇବ। କୋଭିଡ୍ ୧୯ର ସମସ୍ତ ନିୟମ ପାଳନ ହେବ ବୋଲି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବାରୁ ସ୍ଥାନୀୟ ବ୍ୟବସାୟୀ ଚିନ୍ତାରେ ଅଛନ୍ତି। ଏଥିପ୍ରତି ଲାଗିଥିବା ରୋକ୍‌କୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଆଉ ଦୁଇଦିନ ପରେ ମା'ଙ୍କ ପୂଜା ଆରମ୍ଭ ହେବାକୁ ଥିବାବେଳେ କୌଣସି ମଣ୍ଡପରେ ତୋରଣ ନାହିଁ । ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ୪ ଫୁଟ ଉଚ୍ଚତା ରଖିବା ସର୍ତ୍ତରେ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ମୋଟ ୨୧୧ ପୂଜା କମିଟିକୁ ଅନୁମତି ଦିଆଯାଇଛି ।

ସହରର ଉପେନ୍ଦ୍ର ବେହେରା କୁହନ୍ତି, ମା'ଙ୍କ ଏହି ଗଣପୂଜାକୁ ଜିଲାବାସୀ ଚାତକ ପରି ଚାହିଁଥାନ୍ତି। ଜିଲାରେ ଅର୍ଥନୈତିକ ଭିତ୍ତିଭୂମି କୃଷିଭିତ୍ତିକ। ଏଠାରେ ଶିଳ୍ପ ନ ଥିବାରୁ ଯୁବବର୍ଗ ବାହାରକୁ ଯାଇ ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ମା'ଙ୍କ ପୂଜା ସମୟ ଆସିଲେ ସମସ୍ତେ ଘରକୁ ଫେରିଥାନ୍ତି। ପୂଜା ପରେ ପୁନର୍ବାର ବର୍ଷଟିଏ ପାଇଁ କର୍ମ ଅନ୍ୱେଷଣରେ ବାହାରିଯାଆନ୍ତି । ତେବେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗତ ମାର୍ଚ୍ଚରୁ କରୋନା ସଂକ୍ରମଣ ପାଇଁ ଜିଲାକୁ ଆସିଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ମାସକ ପୂର୍ବରୁ ଦେଶବିଦେଶକୁ ବାହାରି ଗଲେଣି। ପୂଜା କଟକଣା ଯୋଗୁ ଏଥର ବନ୍ଧୁବାନ୍ଧବ ଘରକୁ ଆସିବେ ନାହିଁ ବୋଲି ସେ କ୍ଷୋଭର ସହ କହିଛନ୍ତି। ଶିଳ୍ପୀ ବାସୁଦେବ ମହାରଣା କହନ୍ତି, କରୋନା ସଂକ୍ରମଣ ପୂଜା କଟକଣାର କାରଣ ସାଜିଛି। ଏହି କଟକଣା ମୂର୍ତ୍ତି କାରିଗରଙ୍କ ସମେତ ବାଜା, ରୋଶଣି, ତୋରଣ ବ୍ୟବସାୟୀଙ୍କ ରୋଜଗାର ବନ୍ଦ କରିଦେଇଛି। ଚଳିତବର୍ଷ ୪ ଫୁଟ ଉଚ୍ଚର ମୂର୍ତ୍ତି ନିର୍ମାଣ କରିବାକୁ ବରାଦ ଥିବାରୁ ପୂର୍ବପରି ଆକର୍ଷଣୀୟ ହେବ ନାହିଁ। ପୁରୁଣା ବସ୍‌ଷ୍ଟାଣ୍ଡର ବ୍ୟବସାୟୀ ସେକ ଜାକିରିଆ କୁହନ୍ତି, ମା'ଙ୍କ ଏହି ଗଣପର୍ବ ଭାଇଚାରର ଏକ ନମୁନା। ଏହି ସମୟରେ ବିଭିନ୍ନ ବ୍ୟବସାୟୀ ନିଜର ସାମଗ୍ରୀ ବିକ୍ରି ପାଇଁ ସୁଯୋଗ ପାଇଥାନ୍ତି। ଏପରି କି ସୁଦୂର ଜମ୍ମୁ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ରରୁ ବ୍ୟବସାୟୀ ପସରା ମେଲାଇଥିବା ବେଳେ ଘରକରଣା ସାମଗ୍ରୀ ବିକ୍ରି ଅଧିକ ହୋଇଥାଏ। ସେହିପରି ରଙ୍ଗବେରଙ୍ଗ ତୋରଣ ଓ ମା'ଙ୍କ ସାଜସଜ୍ଜା ଦେଖିବା ପାଇଁ ଭିଡ଼ ଲାଗିଥାଏ। ମା'ଙ୍କ ଗଣପର୍ବ ମାତ୍ର ଦୁଇଦିନ ବାକି ଥିଲେ ମଧ୍ୟ ଚଳିତବର୍ଷ ଏ ନେଇ କୌଣସି ଚମକ ନ ଥିବାରୁ ବ୍ୟବସାୟ ମାନ୍ଦା ରହିଛି। ଏ ସମ୍ପର୍କରେ ଏଏସ୍‌ପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି କୁହନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ୍ ନିୟମାବଳୀର ସମସ୍ତ ନିୟମ ମଧ୍ୟରେ ଚଳିତବର୍ଷ ଏହି ଗଣପର୍ବ ପାଳନ ହେବ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୪ ଫୁଟ ମଧ୍ୟରେ ରହିବା ସହିତ ମଣ୍ଡପର ୩ ପାର୍ଶ୍ୱ ବନ୍ଦ ରହିବ। ଚତୁର୍ଥ ପାର୍ଶ୍ୱରେ କର୍ମକର୍ତ୍ତାଙ୍କ ଯାତାୟାତ ହେବ। ପୂଜାକର୍ମରେ ୭ ଜଣ ସାମିଲ ହୋଇପାରିବେ ବୋଲି ନିୟମ ହୋଇଥିବା ବେଳେ ପୂଜା ପାଇଁ ଜିଲାପାଳଙ୍କ ଅନୁମତି ନେବାକୁ ପଡିବ।



ମା' ଜଗଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣରେ ମଗ୍ନ ଶିଳ୍ପୀ।

### ବିଡିଓଙ୍କ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପରିଦର୍ଶନ

**ଧର୍ମଶାଳା, ୨୯।୧୦ (ଡି.ଏନ୍.ଏ.)**

ଧର୍ମଶାଳା ବିଡିଓ ପାୱାର ସଚିନ ପ୍ରକାଶ ଗୁରୁବାର ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ମହିଳା ବିକାଶକେନ୍ଦ୍ର ପରିଦର୍ଶନ କରିଛନ୍ତି। ବିଡିଓଙ୍କ ଗସ୍ତ ସମୟରେ ଓଡିଶା ଜୀବିକା ମିଶନ ବିଏଲ୍‌ସି ଲକ୍ଷ୍ମୀଧର ମହାନ୍ତି, ଏପିଓ ବିଷ୍ଣୁଦତ୍ତ ଧଳ, ଏମ୍‌ବିକେ ଜାନକୀଲତା ଦାଶ, ବ୍ୟାଙ୍କମିତ୍ର ଶର୍ମିଷ୍ଠା ବିଶ୍ୱାଳ, ପଞ୍ଚାୟତ ଏସ୍‌ଏଚ୍‌ଜି ମହାସଂଘ ସମ୍ପାଦିକା ମାନସୀ ସିଂହ ଉପସ୍ଥିତ ଥିଲେ। ବିଡିଓ ମହିଳା କାରିଗରମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଚାନ୍ଦୁଆ ତିଆରି ଜିନିଷ ଦେଖିବା ସହ କାରିଗରମାନଙ୍କ ସହି ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ନିଜସ୍ୱ ଗୃହ ନ ଥିବା ନେଇ ମହିଳାମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ଧର୍ମଶାଳା ପୂର୍ବତନ ବିଧାୟକ ରବିଲାବଣ୍ୟ, ସଭାନେତ୍ରୀ ଶୈଳବାଳା ବେହେରା, ସମ୍ପାଦିକା ସୁମିତ୍ରା ବାରିକ, ଉପସଭାପତି ପଦ୍ମିନୀ ମିଶ୍ର, କୁନିଲତା ବେହେରା, ଜ୍ୟୋତ୍ସ୍ନା ବେହେରା, କୋଷାଧକ୍ଷ ସୁଭଦ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏଆଇଏମ୍‌ଏସ୍‌ଏସ୍ ସଦସ୍ୟାଙ୍କ ବିକ୍ଷୋଭ।

**ଯାଜପୁର ଟାଉନ/ଦଶରଥପୁର, ୨୯।୧୦ (ଡି.ଏନ୍.ଏ.)**

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ଯାଜପୁର ଜିଲା କମିଟି ପକ୍ଷରୁ ଗୁରୁବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ହାଥରସ ଗଣବଳାତ୍କାର ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ତଥା ପୋଲିସ୍ ପ୍ରଶାସନିକ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡରେ ଦଣ୍ଡିତ କରାଯିବା ସହ ଦେଶରେ ବଢ଼ିଚାଲିଥିବା ବଳାତ୍କାର ଓ ହତ୍ୟା ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା, ଇଣ୍ଟରନେଟ୍ ତଥା ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତାର ପ୍ରଚାର ବନ୍ଦ ଆଦି ଦାବିରେ ମହିଳାମାନେ ଶୋଭାଯାତ୍ରାରେ ବାହାରିଥିଲେ। ଏହି ପରିପ୍ରେକ୍ଷୀରେ ମେଡ଼ିକାଲ ଛକ ଓ ଗାନ୍ଧୀଛକଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଏଆଇଏମ୍‌ଏସ୍‌ଏସ୍ ଜିଲା ସମ୍ପାଦିକା ତରଙ୍ଗିନୀ ଦାସ, ଉପ ସଭାନେତ୍ରୀ ସୁଲୋଚନା ପ୍ରଧାନ, ସହ-ସମ୍ପାଦିକା ମମତା ସେଠୀ ଓ ଏନ୍‌ସି କଲେଜର ଛାତ୍ରୀ ସସ୍ମିତା ଯେନା ସାମିଲ ହୋଇଥିଲେ। ସେହିପରି ଏଆଇଏମ୍‌ଏସ୍‌ଏସ୍ ଦଶରଥପୁର ଶାଖା ପକ୍ଷରୁ ମଙ୍ଗଳପୁରଠାରେ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ସଭାନେତ୍ରୀ ଶାନ୍ତିଲତା ପଣ୍ଡା, ସଂଗଠନର ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ପ୍ରମୁଖ ସାମିଲ ଥିଲେ।

### ବୋହୂର ମୃତଦେହ ଛାଡ଼ି ଶାଶୁଘର ଲୋକେ ଫେରାର

**ନୟାଗଡ଼ ଅଫିସ,୨୯।୧୦**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଜଣେ ନବବଧୂଙ୍କ ମୃତଦେହ ଛାଡି ଶାଶୁଘର ଲୋକେ ଫେରାର ହୋଇଯାଇଛନ୍ତି। ନୟାଗଡ଼ ବରପଲ୍ଲୀର ବିଭୂତି ନାୟକଙ୍କ ଝିଅ ରାଜଲକ୍ଷ୍ମୀ ଫତେଗଡ ଥାନା ବେତଖୋଲି ଗାଁର ଗଙ୍ଗାଧର ପ୍ରଧାନଙ୍କୁ ୬ମାସ ତଳେ ପ୍ରେମ ବିବାହ କରିଥିଲେ। କିଛିଦିନ ପରେ ବାପଘରୁ ଯୌତୁକ ଆଣିବାକୁ ରାଜଲକ୍ଷ୍ମୀଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ବାପ ଘର ଅସାମର୍ଥ୍ୟତା ପ୍ରକାଶ କରିବା ପରେ ରାଜଲକ୍ଷ୍ମୀଙ୍କୁ ନିର୍ଯାତନା ଦିଆଯାଉଥିଲା। ବିଭୂତିଙ୍କ ଅଭିଯୋଗ ଅନୁସାରେ, ଝିଅକୁ ମରି ଯାଇଥିବା ଖବର ପାଇ ଆସିଛୁ। ଶାଶୁଘର ଫେରାର ହେବା ପରେ ହତ୍ୟା କରାଯାଇଥିବା ସନ୍ଦେହ କରୁଛୁ। ଏନେଇ ଲିଖିତ ଅଭିଯୋଗ କରିବୁ। ଆଇଆଇସି ଗିରିଜା ପଟ୍ଟନାୟକ କୁହନ୍ତି, ମୃତ୍ୟୁର କାରଣ ଜଣାପଡିନି। ଲିଖିତ ଅଭିଯୋଗ ପରେ ତଦନ୍ତ ହେବ।

### ଆମ୍ବୁଲାନ୍ସ ନ ମିଳିବାରୁ ଆଖିବୁଜିଲେ ଗର୍ଭବତୀ

**ଯାଜପୁର ଅଫିସ,୨୯।୧୦**

ରତ୍ନଗର୍ଭା ସୁକିନ୍ଦାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଜନନୀ ଏକ୍ସପ୍ରେସ କିମ୍ବା ୧୦୮ ଆମ୍ବୁଲାନ୍ସ ନ ମିଳିବାରୁ ରତ୍ନଗର୍ଭା ସୁକିନ୍ଦା ବ୍ଲକ ଦୁଧୁଯୋରୀ ପଞ୍ଚାୟତ ପୁବଳ ଗ୍ରାମର ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶ୍ୟାମ ଚାମ୍ପିଆଙ୍କ ସ୍ତ୍ରୀ ଝୁନା। ବୁଧବାର ସକାଳୁ ତାଙ୍କର ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ଜନନୀ ଏକ୍ସପ୍ରେସ୍ ଓ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ଝୁନାଙ୍କୁ ଏକ ଭଡ଼ା ଗାଡିରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବିଭାଗୀୟ ଡାକ୍ତର ନ ଥିବା ଦର୍ଶାଇ ବହୁ ବିଳମ୍ବରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ହେଲେ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅକ୍ଷମତା ପ୍ରକାଶ କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଝୁନା ମୃତ ଶିଶୁ ଜନ୍ମ ଦେଇ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ଏହାପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରେ ସୁକିନ୍ଦା ଓ ଦାନଗଦି ବ୍ଲକ ଡାକ୍ତରଖାନାରେ ଡାକ୍ତରମାନଙ୍କୁ ଦରମା ଦେଇ ନିୟୋଜିତ କରାଯାଇଛି। ଗର୍ଭବତୀ ମହିଳାଙ୍କୁ ମାଗଣା ଆମ୍ବୁଲାନ୍ସ ଯୋଗାଇଦେବାକୁ ବ୍ୟବସ୍ଥା ରହିଛି। କିନ୍ତୁ ଖଣି ଓ ଶିଳ୍ପ ସମୃଦ୍ଧ ଜିଲାରେ ଜଣେ ଅସହାୟ ଆଦିବାସୀ ଗର୍ଭବତୀ ଉପଯୁକ୍ତ ଚିକିତ୍ସା ସୁବିଧା ଅଭାବରୁ ପ୍ରାଣ ହରାଇବା ଜିଲାର ସ୍ୱାସ୍ଥ୍ୟସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଯାଜପୁର ସିଡିଏମ୍‌ଓଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ନୀଳାଚଳ ଇସ୍ପାତ ନିଗମ ବିକିବାକୁ ମସୁଧା ଚାଲିଛି: କଂଗ୍ରେସ

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)କୁ ଘରୋଇ କମ୍ପାନୀକୁ ବିକ୍ରି କରିବା ପାଇଁ ବିଜେଡି ଓ ଭାଜପା ମସୁଧା କରିଥିବା କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ତଳସ୍ତରରେ ଯଦିଓ ଲୋକ ଦେଖାଣିଆ ଭାବେ ବିଜେଡି-ଭାଜପା ନିଜ ଭିତରେ ବେଶ୍ କଳିର ନାଟକ ଦେଖାଉଛନ୍ତି। ତେବେ ରାଜ୍ୟର ଖଣି, ଜମି, ପାଣି, କଳ କାରଖାନା ବିକ୍ରି ପାଇଁ ଦୁହେଁ ଏକ। ରାଜ୍ୟ ସ୍ୱାର୍ଥକୁ ବଳିଦେଇ, ନିଜ ଉଦ୍ଦେଶ୍ୟରେ ଉଭୟ ଭାଜପା ଓ ବିଜେଡ଼ି ଲାଗିଛନ୍ତି। ରାଜ୍ୟର ଏକ ଲାଭଦାୟକ କାରଖାନା ଏନ୍‌ଆଇଏନ୍‌ଏଲ୍ ସମ୍ପର୍କୀୟ ଚୁକ୍ତିପତ୍ରରୁ ଏକଥା ସ୍ପଷ୍ଟ ଅନୁମେୟ। ଗତ ୨୭ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ନୀଳାଚଳ ଇସ୍ପାତ ନିଗମର ଅଂଶ ବିକ୍ରି ପାଇଁ ଯେଉଁ ବିକଳ ଭାବ ଦେଖାଯାଇଥିଲା, ତାହା ସେହିଦିନର ଅଫିସ୍ ସ୍ମାରକପତ୍ରରୁ ସ୍ପଷ୍ଟ ଜଣାପଡ଼େ। ଏନ୍‌ଆଇଏନ୍‌ଏଲ୍‌ର ସବୁଠାରୁ ବଡ଼ ସମ୍ପଦ ହେଉଛି ୮୭୪.୨୯ ହେକ୍ଟର ପରିମିତ ଖଣି, ଯେଉଁଥିରେ ୧୧୦ ମିଲିଅନ ଟନ୍ ଲୁହାପଥର ଗଚ୍ଛିତ ଅଛି। ଏହି ପଥରରେ ଲୌହ ଅଂଶ ୬୫% ରୁ ଅଧିକ। ଏହି ଖଣି ଲିଜ୍‌ର ଅବଧି ୫୦ ବର୍ଷ ଥିଲେ ମଧ୍ୟ ଅଳ୍ପ କିଛିଦିନ ତଳେ ଏହାକୁ ଫରେଷ୍ଟ କ୍ଲିୟରାନ୍ସ ମିଳିଛି। ସରକାର ଜାଣିଶୁଣି ଏନ୍‌ଆଇଏନ୍‌ଏଲ୍‌ର ଉତ୍ପାଦନକୁ କିଛିମାସ ହେଲାଣି ବନ୍ଦକରି ଦେଇଛନ୍ତି। ଫଳରେ ୫ ହଜାରରୁ ଅଧିକ ଶ୍ରମିକ ଓ କର୍ମଚାରୀ ଛଟେଇ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ କର୍ମଚାରୀମାନେ ମାସ ମାସ ଧରି ଦରମା ନ ପାଇ କରୋନା ମହାବିପତ୍ତି ସମୟରେ ହନ୍ତସନ୍ତ ହେଉଛନ୍ତି। ରାଜ୍ୟ ସରକାର ଓଏମ୍‌ସି ଜରିଆରେ ଏମ୍.ଏମ୍.ଟି.ସି.ର ଅଂଶଧନ କାହିଁକି କିଣୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଏ ସମ୍ପର୍କିତ ଏକ ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି ପଞ୍ଚାନନ କହିଛନ୍ତି।

### ମହାବାତ୍ୟାର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ଜଗତ୍‌ସିଂହପୁର ଅଫିସ,୨୯।୧୦**

୧୯୯୯ ମହାବାତ୍ୟାରେ ଜଗତ୍‌ସିଂହପୁର ଜିଲାରେ ଶୋକର ଛାୟା ଖେଳି ଯାଇଥିଲା। ମହାବାତ୍ୟାରେ ଜିଲାରେ ୧୦ ହଜାରରୁ ଅଧିକ ଲୋକଙ୍କ ଜୀବନହାନୀ ଘଟିଥିବା ବେଳେ ପ୍ରାୟ ତିନି ଲକ୍ଷ ବାସଗୃହ ନଷ୍ଟ ହୋଇଥିଲା। ଗୁରୁବାର ଏହି ମହାବାତ୍ୟାକୁ ୨୧ବର୍ଷ ପୂରିଥିଲେ ସୁଦ୍ଧା ଏବେ ବି ସେ ଦିନର ଲୋମଟାଙ୍କୁରା ଦୃଶ୍ୟ ଲୋକଙ୍କ ମନରୁ ଯାଇନି। ତେବେ ମହାବାତ୍ୟାର ୨୧ ବର୍ଷ ଉପଲକ୍ଷେ ଜିଲା ପ୍ରଶାସନ ତରଫରୁ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମହାବାତ୍ୟାରେ ମୃତ୍ୟୁ ହୋଇଥିବା ଜିଲାବାସୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ମୃତି ସ୍ତମ୍ଭସାମ୍ନାରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମଦ ଜବତ, ୨ ଗିରଫ

**ଜଗତ୍‌ସିଂହପୁର ଅଫିସ,୨୯।୧୦**

ଜଗତ୍‌ସିଂହପୁର ଥାନା କାଂସ ଓ ଗଉଡୁଣୀପଡିଆ ଗ୍ରାମରୁ ପୃଥକଭାବେ ୩୮ ଲିଟର ବିଦେଶୀ ମଦ ଜବତ ହୋଇଛି। ଏଥିସହିତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାଂସର କାଳନ୍ଦୀ ସାହୁ ଓ ମହାକାଳେଶ୍ୱରର ରଘୁନାଥ ବେହେରା। ଏମାନେ ଚୋରା ମଦ କାରବାର କରୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା।

## ବ୍ୟାସନଗର ସ୍ୱୟଂଶାସିତ କଲେଜର ଡିଗ୍ରୀ ପରୀକ୍ଷାଫଳ ପ୍ରକାଶିତ

- ବିଜ୍ଞାନ, ବାଣିଜ୍ୟରେ ଛାତ୍ର ଓ କଳାରେ ଛାତ୍ରୀଙ୍କ ପାସ୍ ହାର ଅଧିକ
- କଳାରେ ପଦ୍ମିନୀ ସ୍ୱାଇଁ, ବିଜ୍ଞାନରେ ସବିତା ସେନାପତି, ବାଣିଜ୍ୟରେ ଯସ୍ମିନ ସାହୁ ବେଷ୍ଟ ଗ୍ରାଜୁଏଟ୍

**ଯାଜପୁର ରୋଡ/ କଳିଙ୍ଗନଗର (ଡି.ଏନ.ଏ.),୨୯।୧୦**

ବ୍ୟାସନଗର ସ୍ୱୟଂଶାସିତ କଲେଜର ଯୁକ୍ତ୩ ଡିଗ୍ରୀ ଫାଇନାଲ ପରୀକ୍ଷା ଫଳ ଗୁରୁବାର ପୂର୍ବାହ୍ନରେ ପ୍ରକାଶ ପାଇଛି। ବିଜ୍ଞାନରେ ସର୍ବାଧିକ ୯୪.୧୧%, କଳାରେ ୯୩.୧% ଓ ବାଣିଜ୍ୟରେ ୮୮.୧୨% ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। କଳାରେ ଛାତ୍ରୀଙ୍କ ପାସହାର ୫୯.୭୨% ଏବଂ ଛାତ୍ରଙ୍କ ପାସହାର ୪୦.୨୮% ରହିଛି। ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରମାନଙ୍କ ସଫଳତା ହାର ଯଥାକ୍ରମେ ୫୮.୫୨% ଓ ୬୫.୨୮% ହୋଇଥିବାବେଳେ ଛାତ୍ରୀମାନଙ୍କ ପାସ୍‌ହାର ଯଥାକ୍ରମେ ୪୧.୪୮% ଓ ୩୮.୭୨% ହୋଇଛି। ଅନ୍ୟପକ୍ଷେ ୩ ଛାତ୍ରୀ ବେଷ୍ଟ ଗ୍ରାଜୁଏଟ୍ ହୋଇପାରିଛନ୍ତି। କଳାରେ ସଂସ୍କୃତ ସମ୍ମାନ ରଖିଥିବା ପଦ୍ମିନୀ ସ୍ୱାଇଁ ୨୦୮୪ ମାର୍କ, ବିଜ୍ଞାନରେ ଉଦ୍ଭିଦ ବିଜ୍ଞାନ ସମ୍ମାନ ରଖିଥିବା ସବିତା ସେନାପତି ୨୨୬୭ ମାର୍କ ଏବଂ ବାଣିଜ୍ୟରେ ଯସ୍ମିନ ସାହୁ ୨୧୦୭ ମାର୍କ ରଖି ବେଷ୍ଟ ଗ୍ରାଜୁଏଟ ହୋଇଛନ୍ତି। କଳାରେ ୨୩୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୧୬ଜଣ, ବିଜ୍ଞାନରେ ୨୩୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୪ ଏବଂ ବାଣିଜ୍ୟରେ ୨୧୯ ଜଣଙ୍କ ମଧ୍ୟରୁ ୧୯୩ ଜଣ ପାସ କରିଛନ୍ତି ବୋଲି କଲେଜ ଅଧକ୍ଷ ସୂଚନା ଦେଇଛନ୍ତି।

# ପାସ୍ ହାର ୮୭.୬୯ ପ୍ରତିଶତ



ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରାଯାଉଛି।

**ନୟାଗଡ଼ ଅଫିସ,୨୯।୧୦**

ନୟାଗଡ଼ ସ୍ୱୟଂଶାସିତ କଲେଜ ଯୁକ୍ତ ୩ ପରୀକ୍ଷା ଫଳ

ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଚଳିତବର୍ଷ ପାସ୍ ହାର ୮୭.୬୯ ପ୍ରତିଶତ ରହିଛି। ଟପ୍ପର ତାଲିକାରେ ଛାତ୍ରୀଙ୍କୁ ପଛରେ ପକାଇ ଛାତ୍ର ବାଜି ମାରିଛନ୍ତି। ତେବେ ବିଭାଗୀୟ ଟପ୍ପର ୧୯ ଜଣଙ୍କ ମଧ୍ୟରୁ ୧୦ ଛାତ୍ରୀ ଅଛନ୍ତି। ବିଜ୍ଞାନ ବିଭାଗ ଫିଜିକ୍ସ ଅନର୍ସ ଛାତ୍ର ଅବିନାଶ କର ୨୪୦୦ରୁ ୨୩୫୩ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଅବିନାଶଙ୍କ ସହ କଳା ବିଭାଗର ସଂସ୍କୃତ ଅନର୍ସ ଛାତ୍ର ଆଲୋକ ସାହୁ ୨୧୨୨ ଓ ବାଣିଜ୍ୟ ବିଭାଗ କମର୍ସ ଅନର୍ସ ଛାତ୍ର ରଜତ ସାହୁ ୨୦୪୫ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଏ ଅବସରରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରଫେସର ସୁରେଶ କୁମାର ପ୍ରଧାନ, କଣ୍ଟ୍ରୋଲର ଜାନକୀ ନାଥ ଦାଶ, ଡେପୁଟି କଣ୍ଟ୍ରୋଲର ବଂଶୀଧର ଗୌଡ, ବ୍ରଜବନ୍ଧୁ ବେହେରା, ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଅଧକ୍ଷଙ୍କ ସୂଚନା ଅନୁସାରେ, ଚଳିତ ବର୍ଷ ୬୫୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରୁ ୫୭୭ ପାସ୍ କରିଥିବାବେଳେ ୮୧ ଫେଲ୍ ହୋଇଛନ୍ତି। କଳାରେ ୨୩୨ ପରୀକ୍ଷା ଦେଇଥିବାବେଳେ ୨୧୬ ପାସ୍ କରିଛନ୍ତି। କମର୍ସରେ ୧୦୮ରୁ ୭୭ ଜଣ ଓ ବିଜ୍ଞାନରେ ୩୧୮ରୁ ୨୮୪ ଜଣ ପାସ୍ କରିଛନ୍ତି।

### ଟପ୍ପରଙ୍କ ମୁହଁରୁ...



"ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ଅବିନାଶ କରଙ୍କ ଘର ନୟାଗଡ ବ୍ଲକର ବ୍ରଜବଲ୍ଲଭପୁରରେ। ବାପା ଦୁର୍ଗା ନାରାୟଣ ଜଣେ ଚାଷୀ ଓ ମା' ମମତା ଜଣେ ଗୃହିଣୀ। ସେ ଦିନକୁ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ପରିଶ୍ରମର ଫଳ ବୃଥା ଯାଏନି ବୋଲି ଅବିନାଶ କହିଛନ୍ତି।



"କଳା ବିଭାଗ ଟପ୍ପର ଆଲୋକ କୁମାର ସାହୁଙ୍କ ଘର ନୂଆଗାଁ ବ୍ଲକ ବାହାଡାଝୋଲାରେ। ବାପା ଗୋଲଖ ଜଣେ ଚାଷୀ ହୋଇଥିବା ବେଳେ ମା' ଶୈଳବାଳା ଗୃହିଣୀ। ସଂସ୍କୃତରେ ଅଧାପକ ହେବାକୁ ଲକ୍ଷ୍ୟ ରଖିଛନ୍ତି ଆଲୋକ।



"ବାଣିଜ୍ୟ ବିଭାଗ ଟପ୍ପର ରଜତ କୁମାର ସାହୁଙ୍କ ଘର ନୟାଗଡ଼ ବ୍ଲକର ଇଟାମାଟି ଗାଁରେ। ସେ ଜଣେ ସଫଳ ବ୍ୟବସାୟୀ ହେବାକୁ ଚାହୁଁଛନ୍ତି। ଏଥିପାଇଁ ବାପା ରବୀନ୍ଦ୍ର ଓ ମା' ଜ୍ୟୋତ୍ସ୍ନାରାଣୀଙ୍କ ସହଯୋଗ ରହିଥିବା ସେ କହିଛନ୍ତି।

### ପିଜି ରେଜଲ୍ଟ ୯୫.୯୨ ପ୍ରତିଶତ

ମହାବିଦ୍ୟାଳୟରେ ପିଜି ରେଜଲ୍ଟ ୯୫.୯୨ ପ୍ରତିଶତ ହୋଇଛି। ଏଥିରେ ୪୯ ଜଣ ପରୀକ୍ଷା ଦେଇଥିବାବେଳେ ୪୭ଜଣ ପାସ୍ କରିଛନ୍ତି। ମାଷ୍ଟର ଇନ୍ ସୋସିଆଲ ୱାର୍କରେ ୨୮ ପରୀକ୍ଷାର୍ଥୀ ଓ ମାଷ୍ଟର ଇନ୍ କମର୍ସରେ ୧୯ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ଯୁକ୍ତ ୩ର ବ୍ୟାକ୍ ପେପର ପରୀକ୍ଷାଫଳ ମଧ ପ୍ରକାଶ ପାଇଛି। ଏଥିରେ କଳାରେ ୭୭.୨୭, ବାଣିଜ୍ୟରେ ୬୮.୪୨ ଓ ବିଜ୍ଞାନରେ ୮୫.୭୧ ପ୍ରତିଶତ ପାସ୍ କରିଛନ୍ତି।

